# କେତେ ଦିଗନ୍ତ

## ମନୋଜ ଦାସ

# ନିରୁତ୍ତର ଉତ୍ତର

'ଗଦାର ଚିରୁଣୀ' ପଢ଼ି ଜଣେ ବିଶିଷ୍ଟ ପାଠକ ପଚାରିଛନ୍ତି, 'ଭାରତର ବୈଦିକ ଋଷି ଓ ପ୍ରାଚୀନ ଜୀବନ-ଜିଜ୍ଞାସୁଙ୍କ ସମ୍ପର୍କରେ ଆମେ ଜାଣୁ । କିନ୍ତୁ ପାଶ୍ଚାତ୍ୟରେ ମଧ୍ୟ ମଣିଷ ଜୀବନର ରହସ୍ୟ ସମ୍ପର୍କରେ ଅନୁସନ୍ଧିତ୍ସା କାହିଁ ଆରିଷ୍ଟୋଟଲଙ୍କ କାଳରୁ ଆରମ୍ଭ ହେଲାଣି ?'

ଯେଉଁ ସମାବେଶ ଭିତରେ ପାଠକ ଏ ପ୍ରଶ୍ନ ଉତ୍ଥାପନ କରି ପଚାରି ଦେଇଥିଲେ । ସେଠାରେ ତାଙ୍କୁ ଉତ୍ତର ଦେବାର ଅବସର ନ ଥିଲା । ବାସ୍ତବରେ ପାଶ୍ଚାତ୍ୟରେ ମଧ୍ୟ ଏ ଅନୁସନ୍ଧିତ୍ସାର ସୂତ୍ରପାତ ହେଲାଣି ଆରିଷ୍ଟୋଟଲଙ୍କ ବହୁ ପୂର୍ବରୁ । ଅନେକ ସମୟରେ ଅତି ପ୍ରାଚୀନ କୌଣସି ଲୋକକଥା ଭିତରେ ପ୍ରଚ୍ଛନ୍ନ ରହିଥାଏ ଏହି ଭଳି ଜିଜ୍ଞାସା ତଥା ସେ ଜିଜ୍ଞାସା ଲବ୍ଧ ପ୍ରଜ୍ଞାର ଝଲକ । ଆରିଷ୍ଟୋଟଲଙ୍କ ବହୁ ପୂର୍ବରୁ ସୃଷ୍ଟ ଏକ ଜନପ୍ରିୟ କିମ୍ବଦନ୍ତି ଏଠାରେ ଦୃଷ୍ଟାନ୍ତ ରୂପେ ଉପସ୍ଥାପିତ କରଯାଇ ପାରେ । ଏ କିମ୍ବଦନ୍ତି ନ ଜାଣିଥିବା ପାଠକ ଖୁବ କମ ଥିବେ । ତେବେ କିମ୍ବଦନ୍ତି ନିହିତ ତାତ୍ପର୍ଯ୍ୟ ସମ୍ପର୍କରେ ସମସ୍ତେ ନୂଏଂତ ଚିନ୍ତା କରି ନ ଥିବେ ।

ଏକ ଦୂର-ପ୍ରସାରିତ ପ୍ରାନ୍ତର ମଧ୍ୟବର୍ତ୍ତୀ ପର୍ବତଟିଏ ଉପରେ ବସି ରହିଥାଏ ଅଦ୍ଭୁତ ଜୀବଟାଏ । ମୁଖମଣ୍ଡଳ ଏକ ନାରୀର, କଳେବର ସିଂହର, ଲାଞ୍ଜଟି ଗୋଟିଏ ସର୍ପାକୃତି ।

ପର୍ବତ ନିମ୍ନଦେଶର ପଥଦେଇ ଯେଉଁ ଯାତ୍ରୀ ଯାଏ, ତାକୁ ସେ 'ସିଂହାସୁରୀ' ପ୍ରଶ୍ନ କରେ 'କହ ପାନ୍ଥ, କିଏ ସେଇ ଜୀବ, ଯିଏ ପ୍ରଭାତରେ ଚାରି ପାଦରେ, ପ୍ରଭାତ ଅତିକ୍ରାନ୍ତ ହେଲେ ଦୁଇ ପାଦରେ ଏବଂ ସନ୍ଧ୍ୟାଗମେ ତିନିପାଦରେ ଚାଲବୁଲ କରେ ।'

ଏ ଅଶ୍ରୁତପୂର୍ବ ଧନ୍ଦାର ସମାଧାନ କେହି ଦେଇପାରନ୍ତି ନାହିଁ । ପଥିକ ନିରୁତ୍ତର ରହିଲେ ସେ ସିଂହାସୁରୀ ବିକଟ ରଡ଼ି କରି ତା'ଉପରକୁ ଡେଇଁପଡ଼ି ତାକୁ ବଧ କରେ । ଯୁଗ ଯୁଗ ବ୍ୟାପୀ ଏହିପରି ଭାବରେ ସେ ଅସୁରୀର ଅତ୍ୟାଚାର ଅବ୍ୟାହତ ରହିଥାଏ ।

ଅବଶେଷରେ ଦିନେ ବୀର ଓଡ଼ିପାସ ସେହି ପଥରେ ଯାଉଁ ଯାଉଁ ସିଂହାସୁରୀକୁ ମୁକାବିଲା କଲେ । ସିଂହାସୁରୀର ପ୍ରଶ୍ନ ଶୁଣି ସେ ଉତ୍ତର ଦେଲେ 'ତମ ପ୍ରଶ୍ନର ଉତ୍ତର ମୁଁ ସ୍ୱୟଂ—ଅର୍ଥାତ ମଣିଷ । ଜୀବନ-ପ୍ରଭାତରେ ମଣିଷ ଶିଶୁ ଚାରି ଗୋଡ଼ରେ ବିଚରଣ କରେ, ଟିକିଏ ବଡ଼ ହେଲେ ସେ ସ୍ୱାଭାବିକ ରୀତିରେ ଦୁଇଗୋଡ଼ ଯୋଗେ ଚାଲବୁଲ କରେ, ତା'ପରେ, ଜୀବନ ସନ୍ଧ୍ୟାରେ ସେ ଦୁଇଗୋଡ ବ୍ୟବହାର କରିବା ସଙ୍ଗେ ସଙ୍ଗେ ଏକ ଯଷ୍ଟିର ସାହାଯ୍ୟ ମଧ୍ୟ ନିଏ । ଅର୍ଥାତ ତିନିଗୋଡରେ ଚାଲେ ।'

ଓଡ଼ିପାସଙ୍କ ଯଥାର୍ଥ ଉତ୍ତର ଦାନ ସଙ୍ଗେ ସଙ୍ଗେ ପର୍ବତ ଶିଖରର ସିଂହାସୁରୀ ତଳକୁ ଲମ୍ଫ ପ୍ରଦାନ କଲା । କିନ୍ତୁ ଏଥର ପଥିକକୁ ହତ୍ୟା କରିବା ପାଇଁ ନୁହେଁ; ଆତ୍ମ-ହତ୍ୟା କରିବା ପାଇଁ । ଏହିପରି ଭାବେ ସିଂହାସୁରୀ ରୂପୀ ଏକ ଭୟଙ୍କର ଆତଙ୍କର ଅବସାନ ହେଲା ସେ ଦିନ ।

କିନ୍ତୁ ବାସ୍ତବରେ ତାର ଅବସାନ ହୋଇ ନାହିଁ । ସେ ଏବେ ମଧ୍ୟ ପୃଥିବୀ ବ୍ୟାପୀ ମାନବ ଚେତନା ଭିତରେ ସଞ୍ଚାରିତ ହୋଇ ରହିଛି । ସିଂହାସୁରୀ ଅଜ୍ଞାନର ପ୍ରତୀକ । ମଣିଷ ନିଜେହିଁ ତା'ପ୍ରଶ୍ନର ଉତ୍ତର । ଅଥଚ ତା' ପ୍ରଶ୍ନ ଆଗରେ ସ୍ୱୟଂ ଉତ୍ତର ରହେ ନିରୁତ୍ତର । ଅତଏବ ସିଂହାସୁରୀ ହାତରେ ସେ ନିହତ ହୁଏ । ଅନ୍ୟ ଭାଷାରେ, ଅଜ୍ଞାନତାହିଁ ମଣିଷର ମୃତ୍ୟୁର କାରଣ । ଯେଉଁଦିନ ସେ ନିଜକୁ ଜାଣିଛି, ସେହିଦିନ ଅଜ୍ଞାନର ପ୍ରତୀକ ସିଂହାସୁରୀ ନିଜକୁ ବିସର୍ଜନ ଦେଇଛି। ସିଂହାସୁରୀ ବା ସ୍ଫିଙ୍କସ କିମ୍ବଦନ୍ତିର ଏ ତାତ୍ପର୍ଯ୍ୟ ଏହାହିଁ ସୂଚାଉଛି ଯେ, ଜ୍ଞାନର ଝଲକ କାହିଁ କେତେ ପ୍ରାଚୀନ କାଳରୁ ମଣିଷ ଚେତନାରେ ଉଦଭାସିତ ହେଲାଣି । କିନ୍ତୁ ବାରମ୍ବାର ଅଜ୍ଞନତା ତାକୁ ଆବୃତ୍ତ କରେ ।